## ୪୪ ଆକ୍ରାନ୍ତ ଚିହ୍ନଟ

**ଢେଙ୍କାନାଳ ଅଫିସ:** ଢେଙ୍କାନାଳ ଜିଲାରୁ ଶୁକ୍ରବାର ୪୪ କରୋନା ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ନୂଆ ଆକ୍ରାନ୍ତଙ୍କ ମଧ୍ୟରେ ଢେଙ୍କାନାଳ ପୌରାଞ୍ଚଳର ୧୩, ହିନ୍ଦୋଳ ବ୍ଲକର ୧୨, ଓଡ଼ାପଡ଼ା ବ୍ଲକର ୭, ସଦର ବ୍ଲକର ୪, ଗଁଦିଆ ବ୍ଲକର ୩, କାମାକ୍ଷାନଗର ବ୍ଲକର ୨ ଓ ଏନ୍ଏସିରୁ ୧ ଏବଂ ଅନ୍ୟ ଚିକିତ୍ସାଳୟର ୨ ଜଣ ରହିଛନ୍ତି। ସେହିପରି ଗତ ୨୪ ଘଣ୍ଟାରେ ୮୦ ଜଣ ସୁସ୍ଥ ହୋଇଛନ୍ତି। ଜିଲାରେ ସକ୍ରିୟ ସଂକ୍ରମିତଙ୍କ ସଂଖ୍ୟା ୬୩୦କୁ ହ୍ରାସ ପାଇଥିବା ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି।

## ସଂକ୍ଷେପରେ

### ନାଳରୁ ମିଳିଲା ନିଖୋଜ ଯୁବକଙ୍କ ମୃତଦେହ

**ଛେଣ୍ଡିପଦା,୧୬।୭(ସ୍ୱ.ପ୍ର):** ଛେଣ୍ଡିପଦା ଥାନା ପୋଡ଼ାପଡ଼ା ବାପୁଜୀ କଲେଜ ନିକଟ ନାଳରୁ ଶୁକ୍ରବାର ସ୍ଥାନୀୟ ଅଞ୍ଚଳର ସୁଧୀର ସାହୁଙ୍କ ମୃତଦେହ ପୋଲିସ ଜବତ କରିଛି। ସୁଧୀର ଗତ ବୁଧବାର ଛେଣ୍ଡିପଦାରେ ରହୁଥିବା ତାଙ୍କ ବାପାଙ୍କ ପାଖକୁ ଯାଇ ଆଉ ଫେରି ନ ଥିଲେ। ନାଳରେ ବୁଡ଼ିଯାଇ ତାଙ୍କର ମୃତ୍ୟୁ ଘଟିଥିବା ଅନୁମାନ କରାଯାଉଛି। ଏ ନେଇ ସୁଧୀରଙ୍କ ପୁଅ ବାପୁଜୀ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ଲାଗି ପଠାଇଛି। ରିପୋର୍ଟ ଆସିବା ପରେ ମୃତ୍ୟୁର କାରଣ ସ୍ପଷ୍ଟ ହେବ ବୋଲି ଥାନାଧିକାରୀ ସୁଶାନ୍ତ ସିଂ କହିଛନ୍ତି।

### ଶାଳକାଠ ଜବତ, ୨ ଗିରଫ

**କଣିହାଁ, ୧୬।୭(ଡି.ଏନ.ଏ.):** ବେଆଇନ ଶାଳକାଠ ଚୋରା ଚାଲାଣ ଅଭିଯୋଗରେ ଗୁରୁବାର କଣିହାଁ ବନ ବିଭାଗ ଚଢ଼ାଉ କରି ୨ ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ରେଙ୍ଗାଲି ଥାନା ବାଲିପଶି ଗ୍ରାମର ଫକୀର ମୋହନ ବେହେରା ଏବଂ କଣିହାଁ ଥାନା ଡେରେଙ୍ଗ ଗ୍ରାମର ଅନ୍ତର୍ଯ୍ୟାମୀ ବେହେରା। ଉଭୟେ ବୁଧବାର ରାତିରେ ବାଇକ୍ ଯୋଗେ ଶାଳକାଠ ନେଇ ଯାଉଥିବାବେଳେ ବନ ବିଭାଗ କର୍ମଚାରୀମାନେ ଧରିଥିଲେ। ଉକ୍ତ କାଠ ଦେବଗଡ଼ ଜିଲା ଘୁଣ୍ଟୁଲିପଶି ଗ୍ରାମରୁ ଡେରେଙ୍ଗ ଆସୁଥିଲା। ଏ ନେଇ ଏକ ମାମଲା ରୁଜୁ ହୋଇଥିବା ରେଞ୍ଜ ଅଫିସର ନୀଳମଣି ଦେହୁରୀ ସୂଚନା ଦେଇଛନ୍ତି।

### ଚୋରି ସାମଗ୍ରୀ ଜବତ

**ଅନୁଗୋଳ ଅଫିସ, ୧୬।୭:** ଅନୁଗୋଳ ସହର ଉପକଣ୍ଠ ଖମାର ଅଞ୍ଚଳରୁ ଜଣେ ଡେଲିଭରି ବୟଙ୍କ ବାଇକ୍ ସହ ୫୦ ହଜାରରୁ ଊର୍ଦ୍ଧ୍ୱ ଟଙ୍କାର ସାମଗ୍ରୀ ଚୋରି ହୋଇଥିଲା। ଏହି ମାମଲାରେ ସଦର ପୋଲିସ ଅଭିଯୁକ୍ତ ଢେଙ୍କାନାଳ ଜିଲା ହିନ୍ଦୋଳ ଥାନା କନ୍ତାମିଲା ଗ୍ରାମର ନୃସିଂହ ଗୋଛାୟତ (୨୦)ଙ୍କୁ ଗିରଫ କରିଛି। ତାଙ୍କ ନିକଟରୁ ଚୋରି ସାମଗ୍ରୀ ଜବତ କରାଯାଇଛି। ପୋଲିସ କହିଛି, ଚୋରିର ଶିକାର ହୋଇଥିବା ଡେଲିଭେରି ବୟଙ୍କ ଅଭିଯୋଗ ଆଧାରରେ ଏସ୍ଆଇ ପ୍ରକାଶ ମାଝି ଘଟଣାର ତଦନ୍ତ କରୁଥିଲେ। ବିଶ୍ୱସ୍ତ ସୂତ୍ରରୁ ସୂଚନା ପାଇ କନ୍ତାମିଲା ଗ୍ରାମରେ ଚଢ଼ାଉ କରି ଚୋରି ବାଇକ୍ (ନଂ. ଓଆର୍ ୧୯ ପି ୩୨୯୮)କୁ ଜବତ କରିଥିଲେ। ଏହାପରେ କଞ୍ଜା ଗ୍ରାମରେ ଲୁଚାଇ ରଖାଯାଇଥିବା ସାମଗ୍ରୀ ଉଦ୍ଧାର କରାଯାଇଥିଲା।

### ଡେଙ୍ଗୁ ନିରାକରଣ ବୈଠକ

**ଅନୁଗୋଳ ଅଫିସ ୧୬।୭:** ଡେଙ୍ଗୁ ସଚେତନତା ମାସ ଅବସରରେ ଏକ ବୈଠକ ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ତ୍ରିଲୋଚନ ପ୍ରଧାନଙ୍କ ଅଧ୍ୟକ୍ଷତାରେ ଏନ୍ଏଚ୍ଏମ୍ ପ୍ରଶିକ୍ଷଣ ଗୃହରେ ଅନୁଷ୍ଠିତ ହୋଇଯାଇଛି। ଡେଙ୍ଗୁ ଓ ମ୍ୟାଲେରିଆକୁ କିପରି ନିୟନ୍ତ୍ରଣ କରାଯାଇପାରିବ ସେ ସମ୍ପର୍କରେ ଏଥିରେ ବିସ୍ତୃତ ଭାବେ ଆଲୋଚନା କରାଯିବା ସହ ସଚେତନତା ପାଇଁ ବିଭିନ୍ନ ବାର୍ତ୍ତା ଦିଆଯାଇଥିଲା। ଡା.ପୂର୍ଣ୍ଣିମା ଉଦ୍‌ଗାତା, ପରାମର୍ଶଦାତା ନିରୁପମା ଦାସଙ୍କ ସମେତ ସ୍ୱାସ୍ଥ୍ୟ ଅଧିକାରୀମାନେ ଯୋଗ ଦେଇଥିଲେ।

### ଆଇନଜୀବୀଙ୍କ ପରଲୋକ

**ଢେଙ୍କାନାଳ ଅଫିସ, ୧୬।୭:** ଢେଙ୍କାନାଳର ଆଇନଜୀବୀ ବିରଜା ପ୍ରସାଦ ରଥ (୪୮)ଙ୍କ ଗୁରୁବାର ରାତିରେ ପରଲୋକ ହୋଇଯାଇଛି। ସେ ଅସୁସ୍ଥ ହୋଇ କଟକ ବଡ଼ ଡାକ୍ତରଖାନାରେ ଚିକିତ୍ସାଧୀନ ଥିଲେ। କଟକ ସତୀ ଚଉରା ଶ୍ମଶାନରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଛି। ପୁତ୍ର ରୁଦ୍ରମାଧବ ମୁଖାଗ୍ନି ଦେଇଥିଲେ। ତାଙ୍କ ବିୟୋଗରେ ଢେଙ୍କାନାଳ ଓକିଲ ସଂଘ ସଭାପତି ସଞ୍ଜୟ କୁମାର ମିଶ୍ରଙ୍କ ଅଧ୍ୟକ୍ଷତାରେ ଏକ ଶୋକସଭା ଶୁକ୍ରବାର ଅନୁଷ୍ଠିତ ହୋଇଥିଲା। ଏଥିସହ କୋର୍ଟ କାର୍ଯ୍ୟ ବନ୍ଦ ରଖାଯାଇଥିଲା। ଯୁବ ଆଇନଜୀବୀ ବିରଜାଙ୍କ ଦେହାନ୍ତରେ ସେ ରହୁଥିବା ଗଦାଶିଳା ଅଞ୍ଚଳ ସମେତ ସହରରେ ଶୋକର ଛାୟା ଖେଳିଯାଇଛି।

### ଡାକ୍ତରଙ୍କ ଦେହାନ୍ତ

**ତାଳଚେର,୧୬।୭(ନି.ପ୍ର.):** ତାଳଚେର ବ୍ଲକ ବଲ୍ଲର ଛକ ନିକଟ ସେବକ ନର୍ସିଂ ହୋମର ପ୍ରତିଷ୍ଠାତା ଡାକ୍ତର ମାନସ ରଥ (୫୭)ଙ୍କ ଗୁରୁବାର ବିଳମ୍ବିତ ରାତିରେ ପରଲୋକ ହୋଇଯାଇଛି। ତାଙ୍କର ପୈତୃକ ଘର ବନ୍ତୋଲରେ। ଗତ ୨ମାସ ହେଲା ସେ ଅସୁସ୍ଥ ହୋଇ ଚିକିତ୍ସିତ ହେଉଥିଲେ। ଜଣେ ପରୋପକାରୀ ବ୍ୟକ୍ତି ଭାବେ ଅଞ୍ଚଳବାସୀଙ୍କ ମଧ୍ୟରେ ବେଶ୍ ଲୋକପ୍ରିୟ ଥିଲେ ମାନସ। ତାଙ୍କ ପରଲୋକରେ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।

# ମେଶିନରେ କଟାଯାଇଥିଲା ଗଛ

**ଅନୁଗୋଳ ଅଫିସ, ୧୬।୭**

- ପୌର କ୍ୱାର୍ଟର୍ସରୁ ୨୩, ଉପଜିଲାପାଳଙ୍କ ଡାକବଙ୍ଗଳାରୁ ୮ ଶାଗୁଆନ ଗଣ୍ଡି ଜବତ
- ବନ ବିଭାଗ ପକ୍ଷରୁ ୨ ଅଧିକାରୀଙ୍କୁ ଜବାବ ତଲବ
- ଅଧିକାରୀଙ୍କ ବୟାନକୁ ନେଇ ସାଧାରଣରେ ଚର୍ଚ୍ଚା

ଅନୁଗୋଳ ଜିଲା ତାଳଚେର ଉପଜିଲାପାଳଙ୍କ ସରକାରୀ ଡାକବଙ୍ଗଳା ପରିସରରୁ ଶାଗୁଆନ ଗଛ କଟାଯିବା ଘଟଣା ଭିନ୍ନ ମୋଡ଼ ନେଇଛି। ବେଆଇନ ଭାବେ ଉକ୍ତ ଶାଗୁଆନ ଗଛ କଟାଯାଇଥିବା ବନ ବିଭାଗ ପ୍ରଥମରୁ ଅନୁମାନ କରିଥିଲା, ଯାହା ସତ୍ୟ ପ୍ରମାଣିତ ହୋଇଛି। ବୁଧବାର ନୁହେଁ, ବରଂ ରବିବାର ସ୍ପଷ୍ଟ ଦିବାଲୋକରେ ସଫେଇ ଆଳରେ ଜେସିବି ଏବଂ କଟର ସହାୟତାରେ ଗଛ କଟାଯାଇଥିଲା। ଏହାକୁ ଅତି ସତର୍କତାର ସହ ପୌର କ୍ୱାର୍ଟର୍ସ ଏବଂ ଉପଜିଲାପାଳଙ୍କ ଡାକବଙ୍ଗଳା ପରିସରରେ ରଖାଯାଇଥିଲା। ଏପରି କି ଘଟଣା ଯେପରି ପ୍ରଘଟ ନ ହୁଏ, ସେଥିଲାଗି ଗଛ କଟାଯାଇଥିବା ସ୍ଥାନକୁ ମାଟି ପକାଇ ସମତୁଲ କରିଦିଆଯାଇଥିଲା। ପୌରସଂସ୍ଥା କ୍ୱାର୍ଟର୍ସରୁ ୨୩ ଏବଂ ଉପଜିଲାପାଳଙ୍କ ସରକାରୀ ଡାକବଙ୍ଗଳାର ଏକ ବନ୍ଦ କୋଠରିରୁ ୮ଟି ଗଣ୍ଡି ଜବତ କରାଯିବା ପରେ ଏଥିରେ ବଡ଼ବଡ଼ିଆଙ୍କ ହାତଥିବା ସନ୍ଦେହ ଦୃଢ଼ୀଭୂତ ହୋଇଛି। ଅନ୍ୟପଟେ ବନ ବିଭାଗ ପକ୍ଷରୁ ତନାଘନା କରାଯିବା ପରେ ଉପଜିଲାପାଳ ବିଶ୍ୱରଞ୍ଜନ ରଥ ପୌର ନିର୍ବାହୀ ଅଧିକାରୀଙ୍କୁ ରିପୋର୍ଟ ମାଗିଛନ୍ତି। ଏଥିସହ ପୌର କ୍ୱାର୍ଟର୍ସରୁ କାଠ ଜବତ ହୋଇଥିବାରୁ ନିର୍ବାହୀ ଅଧିକାରୀଙ୍କୁ ଥାନାରେ ଲିଖିତ ଅଭିଯୋଗ କରିବାକୁ କହିଛନ୍ତି।


ମେଶିନ ସହାୟତାରେ ଗଛ କଟାଯାଉଛି।


ଗଛ କାଟିବାକୁ ଆସିଥିବା ଜେସିବି।

ସୂଚନାଯୋଗ୍ୟ, ତାଳଚେର ଉପଜିଲାପାଳଙ୍କ ସରକାରୀ ଡାକବଙ୍ଗଳାରୁ ବୁଧବାର ରାତିରେ ଶାଗୁଆନ୍ ଗଛ କଟାଯାଇଥିବା ସ୍ଥାନୀୟ ଲୋକେ ଜାଣିବା ପରେ ବନ ବିଭାଗର ବରିଷ୍ଠ ଅଧିକାରୀଙ୍କୁ ଅବଗତ କରାଇଥିଲେ। ବନ କର୍ମଚାରୀମାନେ ତୁରନ୍ତ ଡାକବଙ୍ଗଳାରେ ପହଞ୍ଚି ତଦନ୍ତ କରିଥିଲେ। ଏହାପରେ ପୌର କ୍ୱାର୍ଟର୍ସ ପରିସରରୁ ୨୩ ଏବଂ ଡାକବଙ୍ଗଳାର ଏକ ବନ୍ଦ ଘରୁ ୮ଟି ଗଣ୍ଡି ଜବତ କରାଯାଇଥିଲା। ଶାଗୁଆନ ଗଛ କଟାଯିବା ପୂର୍ବରୁ ବନ ବିଭାଗର କୌଣସି ଅନୁମତି ଅଣାଯାଇ ନ ଥିଲା। ତେବେ ଗୁରୁବାର ଘଟଣା ପ୍ରଘଟ ହେବା ଏବଂ ବନ ବିଭାଗ ପକ୍ଷରୁ ତନାଘନା କରାଯିବା ପରେ ଉପଜିଲାପାଳ ତାଳଚେର ପୌରନିର୍ବାହୀ ଅଧିକାରୀଙ୍କୁ ରିପୋର୍ଟ ମାଗିଛନ୍ତି। ଏ ନେଇ ଉପଜିଲାପାଳ କହିଛନ୍ତି, ଗତ ଶନିବାର ଓ ରବିବାର ଡାକବଙ୍ଗଳା ପରିସରରେ ଥିବା ଅନାବନା ଲଟାବୁଦା ଏବଂ ଚାକୁଣ୍ଡା ଗଛ ସଫା କରିବାକୁ କୁହାଯାଇଥିଲା। କିନ୍ତୁ ଶାଗୁଆନ୍ ଗଛ କାଟିବାକୁ କୁହାଯାଇ ନ ଥିଲା। ଶାଗୁଆନ ଗଛ କଟାଯିବା ସମ୍ପର୍କରେ ସେ ବୁଧବାର ଜାଣିବାକୁ ପାଇଛନ୍ତି। ହେଲେ ମଙ୍ଗଳବାର ଶାଗୁଆନ୍ ଗଛ କାଟିବାକୁ ବନ ବିଭାଗକୁ ଅନୁମତି ମାଗିଥିବା ଦେ ସ୍ପଷ୍ଟୀକରଣରେ କହିଛନ୍ତି। ତେବେ ଉପଜିଲାପାଳଙ୍କ ମନ୍ତବ୍ୟକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ରବିବାର ଗଛ କଟାଯାଇଥିବାବେଳେ ଏହାର ଦିନକ ପରେ ଅର୍ଥାତ୍ ମଙ୍ଗଳବାର ବନ ବିଭାଗଠାରୁ ଅନୁମତି ଲୋଡ଼ାଯିବା, ଉପଜିଲାପାଳଙ୍କ ସରକାରୀ ବଙ୍ଗଳାରୁ ଗଛ କଟାଯାଇଥିବାବେଳେ ନିର୍ବାହୀ ଅଧିକାରୀଙ୍କୁ ଥାନାରେ ଅଭିଯୋଗ କରିବାକୁ କୁହାଯିବା ଏବଂ ସରକାରୀ କ୍ୱାର୍ଟର୍ସ ଓ ଡାକବଙ୍ଗଳାରୁ ଶାଗୁଆନ୍ ଗଣ୍ଡି ଜବତ ହେବା ଭିନ୍ନ ଦିଗକୁ ସୂଚାଉଛି।

ଏ ନେଇ ତାଳଚେର ବନ ବିଭାଗର ବରିଷ୍ଠ ଅଧିକାରୀ ତ୍ରିଲୋଚନ ବେହେରା କହିଛନ୍ତି, ଡାକବଙ୍ଗଳା ପରିସରରୁ ଏକାଧିକ ଶାଗୁଆନ ଗଛ କଟାଯାଇଥିବା ଅନୁମାନ କରାଯାଉଛି। ଘଟଣାର ତଦନ୍ତ ଚାଲିଛି। ଉପଜିଲାପାଳ ଏବଂ ନିର୍ବାହୀ ଅଧିକାରୀଙ୍କୁ ଜବାବ ତଲବ କରାଯାଇଛି। ଅଧିକ ତଦନ୍ତ କରାଗଲେ ପ୍ରକୃତ ଘଟଣା ପଦାକୁ ଆସିବ।

## ହଟହଟା ହେଲା ପୋଲିସ


ଗ୍ରାମବାସୀ ପୋଲିସ ଗାଡ଼ି ଅଟକ ରଖିଛନ୍ତି।

**ଛେଣ୍ଡିପଦା,୧୬।୭(ସ୍ୱ.ପ୍ର)**

### ଯୌତୁକ ସାମଗ୍ରୀ ଛାଡ଼ିଲେନି ଗ୍ରାମବାସୀ

ଅନୁଗୋଳ ଜିଲା ଛେଣ୍ଡିପଦା ଥାନା ସାପେଇନାଳୀ ଗ୍ରାମକୁ ଯୌତୁକ ସାମଗ୍ରୀ ଜବତ କରିବାକୁ ଆସିଥିବାବେଳେ ହଟହଟା ହୋଇଛି ପୋଲିସ। ସମ୍ପୃକ୍ତ ବ୍ୟକ୍ତିଙ୍କ ପରିବାର ସଦସ୍ୟ ଏବଂ ଗ୍ରାମବାସୀ ଦୀର୍ଘ ସମୟ ଧରି ପୋଲିସ ଗାଡ଼ି ଅଟକ ରଖିଥିଲେ। ଦୀର୍ଘ ୩ ଘଣ୍ଟା ଧରି ଛକାପଞ୍ଝା ଭିତରେ ସମାଧାନର ସୂତ୍ର ବାହାରି ନ ପାରିବାରୁ ଶେଷରେ ପୋଲିସ ଖାଲି ହାତରେ ଫେରିଯିବାକୁ ବାଧ୍ୟ ହୋଇଥିଲା।

ସୂଚନାଯୋଗ୍ୟ, ଜରପଡ଼ା ଥାନା କୋରଡ଼ା ଗ୍ରାମର ପୀତାମ୍ବର ବେହେରାଙ୍କ ଝିଅ ମିଳି ଛେଣ୍ଡିପଦା ଥାନା ସାପେଇନାଳୀ ଗ୍ରାମର ଭଗବାନ ବେହେରାଙ୍କ ପୁଅ ବିଷ୍ଣୁଙ୍କୁ ବୈଦିକ ରୀତି ବିବାହ କରିଥିଲେ। ଦେଢ଼ବର୍ଷ ପରେ ଉଭୟଙ୍କ ଦାମ୍ପତ୍ୟ ଜୀବନରେ ଝଡ଼ ସୃଷ୍ଟି ହୋଇଥିଲା। ଉଭୟ ପକ୍ଷଙ୍କ ଭିତରେ ଅନେକ ଥର ବୈଠକ ବସିଥିଲେ ମଧ୍ୟ ସମାଧାନର ସୂତ୍ର ବାହାରି ପାରି ନ ଥିଲା। ମିଳି ନ୍ୟାୟ ପାଇଁ ଜରପଡା ଥାନାର ଦ୍ୱାରସ୍ଥ ହୋଇଥିଲେ। ପୋଲିସ ଯୌତୁକ ମାମଲା ରୁଜୁ କରିଥିଲା। ଏଥିସହ ମିଳି ବିବାହ ସମୟରେ ଆଣିଥିବା ଯୌତୁକ ସାମଗ୍ରୀ ଜବତ କରିବାକୁ ଶୁକ୍ରବାର ପୋଲିସ ବିଷ୍ଣୁଙ୍କ ଘରକୁ ଆସିଥିଲା। କର୍ମଚାରୀମାନେ ଯୌତୁକ ସାମଗ୍ରୀ ନେବାକୁ ଉଦ୍ୟମ କରିଥିବାବେଳେ ବିଷ୍ଣୁଙ୍କ ପରିବାର ଓ ଉତ୍ତ୍ୟକ୍ତ ଗ୍ରାମବାସୀ ପୋଲିସ ଗାଡ଼ିକୁ ଅଟକ ରଖିଥିଲେ। ଫଳରେ ଜରପଡ଼ା ପୋଲିସ ଖାଲି ହାତରେ ଫେରି ଆସିଥିଲା। ବାଗଡିଆ ଫାଣ୍ଡି ପୋଲିସ ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କ ସହିତ ଆଲୋଚନା ଜାରି ରଖିଛି।

ଏ ନେଇ ଜରପଡା ଥାନା ଅଧିକାରୀ ସରୋଜକାନ୍ତ ସାମଲ କୁହନ୍ତି, ଗ୍ରାମବାସୀ ଯୌତୁକ ସାମଗ୍ରୀ ଛାଡ଼ି ନ ଥିଲେ। ବାଗଡ଼ିଆ ଫାଣ୍ଡି ପୋଲିସ ଲୋକଙ୍କ ସହିତ ଆଲୋଚନା କରୁଛନ୍ତି। ଶନିବାର ଉଭୟ ପକ୍ଷଙ୍କ ମଧ୍ୟରେ ଆପୋସ ଆଲୋଚନା କରାଯିବ। ସମାଧାନ ନ ହେଲେ ଆଇନଗତ ପଦକ୍ଷେପ ନିଆଯିବ।


ଅନୁଗୋଳ ଶୈଳଶ୍ରୀକ୍ଷେତ୍ର ଅସ୍ଥାୟୀ ମାଉସୀ ମା’ ମନ୍ଦିରରେ ଗୁରୁବାର ଶ୍ରୀଜୀଉଙ୍କ ଲକ୍ଷ୍ମୀନାରାୟଣ ବେଶ। (ଫଟୋ-ବୁବୁ)

## ସାପ କାମୁଡ଼ାରେ ୨ ମୃତ

**ଅନୁଗୋଳ ଅଫିସ, ୧୬।୭**

ଅନୁଗୋଳ ଜିଲା ଜରପଡ଼ା ଥାନା ପରା ଗ୍ରାମର ଗିରୀଶ ନାଏକ (୪୦)ଙ୍କ ସାପ କାମୁଡ଼ାରେ ମୃତ୍ୟୁ ଘଟିଛି। ଗୁରୁବାର ରାତିରେ ଘରେ ଶୋଇଥିବାବେଳେ ତାଙ୍କୁ ଏକ ସାପ କାମୁଡ଼ି ଦେଇଥିଲା। ପରିବାର ଲୋକେ ଚିକିତ୍ସାଳୟ ପରିବର୍ତ୍ତେ ଗୁଣିଗାରେଡ଼ିର ସହାୟତା ନେଇଥିଲେ। ଗୁଣିଆଙ୍କ ପାଖରେ ଦେଶୀ ଚିକିତ୍ସା କରାଇ ଘରକୁ ଆଣିଥିଲେ। ସକାଳେ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ହଠାତ୍ ବିଗିଡ଼ି ଯିବା ପରେ ଆମ୍ବୁଲାନ୍ସରେ ଜିଲା ମୁଖ୍ୟ ଚିକିତ୍ସାଳୟକୁ ଆଣିଥିଲେ। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଯାଇଥିଲା। ପୋଲିସ ମୃତଦେହ ବ୍ୟବଚ୍ଛେଦ କରାଇ ପରିବାରକୁ ହସ୍ତାନ୍ତର କରିଛି। ସେହିପରି ବଅଁରପାଳ ବ୍ଲକ ମହୀଧରପୁର ଅଞ୍ଚଳର ସବିତା ନାଏକଙ୍କ ସାପ କାମୁଡ଼ାରେ ମୃତ୍ୟୁ ଘଟିଛି। ସେ ଗୁରୁବାର ସକାଳେ ବିଲରେ କାମ କରୁଥିବାବେଳେ ତାଙ୍କୁ ଏକ ସାପ କାମୁଡ଼ି ଦେଇଥିଲେ। ସେଠାରେ ଉପସ୍ଥିତ କେତେଜଣ ମହିଳା ତାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ଆଣିଥିବାବେଳେ ଡାକ୍ତର ମୃତ ଘୋଷଣା କରିଥିଲେ। ଏ ନେଇ ମହୀଧରପୁର ଫାଣ୍ଡିରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି। ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି।

## ‘କଠୋର ଜନସଂଖ୍ୟା ଆଇନ ଆଣ’



ଦାବିପତ୍ର ପ୍ରଦାନ କରିବାକୁ ଆସିଥିବା ଫାଉଣ୍ଡେଶନର କର୍ମକର୍ତ୍ତାମାନେ।

**ଢେଙ୍କାନାଳ ଅଫିସ, ୧୬।୭**

ଭାରତରେ ଜନସଂଖ୍ୟା ବୃଦ୍ଧି ସାଂଘାତିକ ପରିସ୍ଥିତି ସୃଷ୍ଟି କରୁଛି। ଖାଦ୍ୟାଭାବ, କୁପୋଷଣ, ବେକାର ଭଳି ସମସ୍ୟା ଦେଶର ଆର୍ଥିକ ବିକାଶରେ ପ୍ରତିବନ୍ଧକ ସାଜିଛି। ଦେଶର ସୁରକ୍ଷିତ ଭବିଷ୍ୟତକୁ ନଜରରେ ରଖି କଠୋର ଜନ୍ମସଂଖ୍ୟା ନିୟନ୍ତ୍ରଣ ଆଇନ ପ୍ରଣୟନ କରିବାକୁ ଦାବି କରିଛି ଢେଙ୍କାନାଳ ଜିଲା ଜନସଂଖ୍ୟା ସମାଧାନ ଫାଉଣ୍ଡେଶନ୍। ସଙ୍ଗଠନର ଜିଲା ସଭାପତି କଲ୍ୟାଣ କୁମାର କାନୁନ୍‌ଗୋଙ୍କ ନେତୃତ୍ୱରେ ଏ ସଂକ୍ରାନ୍ତ ଏକ ଦାବିପତ୍ର ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଅତିରିକ୍ତ ଜିଲାପାଳ ଶଶାଙ୍କ ଶେଖର ଦାଶଙ୍କୁ ପ୍ରଦାନ କରାଯାଇଛି। ପ୍ରସ୍ତାବିତ ଆଇନରେ କଠୋର କାର୍ଯ୍ୟାନୁଷ୍ଠାନ ବ୍ୟବସ୍ଥା ରଖିବାକୁ ଦାବି କରାଯାଇଛି। ଦାବିପତ୍ର ପ୍ରଦାନ ସମୟରେ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଆଡଭୋକେଟ୍ ଦୀପକ ପ୍ରସାଦ ପଟ୍ଟନାୟକ, ଇଂ. ବାବୁଚାନ୍ଦ ମହାଲିକ, ସଂଯୋଜକ ମନମୋହନ ତ୍ରିପାଠୀ, ଉପସଭାପତି ମଳୟ ତ୍ରିପାଠୀ, ସାରଥି ପଟ୍ଟନାୟକ, ସମ୍ପାଦକ ସଞ୍ଜୀବ୍ ନାୟକ, ବୈକୁଣ୍ଠନାଥ ଦ୍ୱିବେଦୀ, ନୃପକେଶରୀ ନାୟକ, ଯଶୋବନ୍ତ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।

## ବିଦ୍ୟୁତ୍ ଆଘାତରେ ଠିକାଶ୍ରମିକ ମୃତ

## କ୍ଷତିପୂରଣ ଦାବିରେ ଆନ୍ଦୋଳନ

**ତାଳଚେର, ୧୬।୭(ନି.ପ୍ର.)**

ତାଳଚେର ବଳଣ୍ଡା ନିକଟସ୍ଥ ମାଗାଜିନ ନିକଟରେ ଶୁକ୍ରବାର ପୂର୍ବାହ୍ନରେ ବିଦ୍ୟୁତ୍ ଆଘାତରେ ଜଣେ ଠିକା ଶ୍ରମିକଙ୍କ ମୃତ୍ୟୁ ଘଟିଛି। ସେ ହେଲେ ରଘୁନାଥପୁର ଗ୍ରାମର ଅମର ବେହେରା (୩୦)। ଦୁର୍ଘଟଣା ପରେ ମୃତକଙ୍କ ପରିବାର ସଦସ୍ୟଙ୍କୁ ନିଯୁକ୍ତି ଏବଂ କ୍ଷତିପୂରଣ ଦାବିରେ ଶ୍ରମିକମାନେ ଖଣିବନ୍ଦ ଆନ୍ଦୋଳନ କରିଥିଲେ। ଫଳରେ ଉତ୍ତେଜନାମୂଳକ ପରିସ୍ଥିତି ସୃଷ୍ଟି ହୋଇଥିଲା। ସୂଚନାଯୋଗ୍ୟ, ବଳଣ୍ଡା ମାଗାଜିନ ନିକଟରେ ଥିବା ଏକ ପୁରୁଣା ୧୧ କେ.ଭି. ଲାଇନ ମରାମତି ପାଇଁ ଅମରଙ୍କୁ ଠିକାସଂସ୍ଥା ପକ୍ଷରୁ ପଠାଯାଇଥିଲା। ହେଲେ ବିଦ୍ୟୁତ୍ ସଂଯୋଗ ବିଚ୍ଛିନ୍ନ କରାଯାଇ ନ ଥିଲା। ଅମର କାମ କରିବାକୁ ଖୁଣ୍ଟରେ ଚଢ଼ିବା ସମୟରେ ଉଚ୍ଚ କ୍ଷମତା ସମ୍ପନ୍ନ ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ପ୍ରାଣ ହରାଇଥିଲେ। ଶ୍ରମିକମାନେ ମୃତଦେହ ରଖି ଜଗନ୍ନାଥ କୋଇଲା ଖଣି ବନ୍ଦ କରିଥିଲେ। କଳିୟାରୀ ପୋଲିସ, ଖଣି କର୍ତ୍ତୃପକ୍ଷ ପହଞ୍ଚି ଆନ୍ଦୋଳନକାରୀଙ୍କ ସହିତ ଆଲୋଚନା କରିଥିଲେ। କାର୍ଯ୍ୟରେ ଅବହେଳା କରିଥିବା ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଶ୍ରମିକମାନେ ଦାବି କରିଛନ୍ତି।

## ସମିତି ବୈଠକରେ ଅସନ୍ତୋଷ

**ଅନୁଗୋଳ ଅଫିସ, ୧୬।୭**

ଅନୁଗୋଳ ବ୍ଲକ କାର୍ଯ୍ୟାଳୟରେ ୧୩ତମ ପଞ୍ଚାୟତ ସମିତି ବୈଠକ ଅନୁଷ୍ଠିତ ହୋଇଯାଇଛି। ସମିତି ସଦସ୍ୟମାନେ ବିଭିନ୍ନ ସରକାରୀ କାର୍ଯ୍ୟ ସହ ନୂଆ ଯୋଜନା ସମ୍ପର୍କରେ ଆଲୋଚନା କରିଥିଲେ। ତେବେ ସମୟ ସୀମା ମଧ୍ୟରେ ବିଭିନ୍ନ ପ୍ରକଳ୍ପ କାର୍ଯ୍ୟ ସରୁ ନ ଥିବାରୁ ଅସନ୍ତୋଷ ପ୍ରକାଶ ପାଇଥିଲା। ବ୍ଲକ ଅଧ୍ୟକ୍ଷ ନିରଞ୍ଜନ ଦେହୁରୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଏମ୍‌ପି ମହେଶ ସାହୁ, ଆଠମଲ୍ଲିକ ବିଧାୟକ ରମେଶ ସାଏ, ସମ୍ବଲପୁର ଏମ୍‌ପିଙ୍କ ପ୍ରତିନିଧି, ବ୍ଲକ ଉପାଧ୍ୟକ୍ଷା ମମତା ପ୍ରଧାନ, ବିଡିଓ ସନ୍ଧ୍ୟାଞ୍ଜଳି ମାଝିଙ୍କ ସହ ଅନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ। ବିଭିନ୍ନ ଉନ୍ନୟନ କାର୍ଯ୍ୟ ଧାର୍ଯ୍ୟ ସମୟ ମଧ୍ୟରେ ଶେଷ ହେଉ ନ ଥିବାରୁ ଏଥିପ୍ରତି ଦୃଷ୍ଟି ଦେବାକୁ ସଦସ୍ୟମାନେ ଦାବି କରିଥିଲେ। ସେହିପରି ଆବାସ ଯୋଜନା, କାଳିଆ ଯୋଜନାରୁ ବହୁ ଲୋକ ବଞ୍ଚିତ ରହିଛନ୍ତି। ଚାଷୀଙ୍କ ନିକଟରେ ଠିକ୍ ସମୟରେ ବିହନ ପହଞ୍ଚୁପାରୁ ନାହିଁ ବୋଲି ସଦସ୍ୟମାନେ ଅଭିଯୋଗ କରିଥିଲେ।

## ହେରା ପଞ୍ଚମୀ ନୀତି ପାଳିତ

**ଢେଙ୍କାନାଳ ଅଫିସ,୧୬।୭**

ଢେଙ୍କାନାଳ ଶ୍ରୀବଳରାମ ମନ୍ଦିର ପରିସରରେ ଆରମ୍ଭ ହୋଇଛି ପ୍ରତୀକାତ୍ମକ ଘୋଷଯାତ୍ରା। ଶୁକ୍ରବାର ପବିତ୍ର ହେରାପଞ୍ଚମୀ ଉପଲକ୍ଷେ ଶ୍ରୀଜୀଉଙ୍କ ସ୍ୱତନ୍ତ୍ର ନୀତି ଅନୁଷ୍ଠିତ ହୋଇଥିଲା। ମହାଲକ୍ଷ୍ମୀଙ୍କ ଚଳନ୍ତି ବିଗ୍ରହକୁ ମନ୍ଦିରରୁ ଅସ୍ଥାୟୀ ମଣ୍ଡପକୁ ଅଣାଯିବା ପରେ ଯଥାନୀତି ସମ୍ପନ୍ନ ହୋଇଥିଲା। ସମସ୍ତ କାର୍ଯ୍ୟକ୍ରମ ଶୃଙ୍ଖଳାର ସହ ସମାପନ ହୋଇଥିବା ଦେବୋତ୍ତର ନିରୀକ୍ଷକ ପ୍ରଦ୍ୟୁମ୍ନ ତ୍ରିପାଠୀ କହିଛନ୍ତି।

## ବିଦ୍ୟୁତ୍ ଦରବୃଦ୍ଧି ପ୍ରତିବାଦରେ ବିକ୍ଷୋଭ

**ତାଳଚେର, ୧୬।୭(ନି.ପ୍ର.)**

ତାଳଚେର ଅଞ୍ଚଳରେ ଅଘୋଷିତ ବିଦ୍ୟୁତ୍ କାଟ୍, ଲୋ-ଭୋଲଟେଜ୍ ସମସ୍ୟା ଏବଂ ବିଦ୍ୟୁତ୍ ଶୁଳ୍କ ବୃଦ୍ଧି ପ୍ରତିବାଦରେ ଭାଜପା ପକ୍ଷରୁ ଶୁକ୍ରବାର ଚାଇଁପାଳସ୍ଥିତ ବିଦ୍ୟୁତ୍ କାର୍ଯ୍ୟାଳୟ ଆଗରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ରାଜ୍ୟ ସମ୍ପାଦକ କାଳିନ୍ଦୀ ସାମଲଙ୍କ ନେତୃତ୍ୱରେ ଏହି ପ୍ରତିବାଦ କରାଯାଇଥିଲା।

ଦଳ ପକ୍ଷରୁ ଅଭିଯୋଗ କରାଯାଇଛି, ମହାମାରୀ ସମୟରେ ରାଜ୍ୟରେ ଦୁଇ କିସ୍ତିରେ ବିଦ୍ୟୁତ୍ ଶୁଳ୍କ ୫୦ ପଇସା ବୃଦ୍ଧି କରାଯାଇଛି। ଶିଳ୍ପସଂସ୍ଥାଗୁଡ଼ିକ ଉପରେ ୨୯୪୯ କୋଟି ଟଙ୍କା ବିଦ୍ୟୁତ୍ ବିଲ୍ ବାକି ପଡ଼ିଥିବାବେଳେ ଲୋକଙ୍କ ଅସହାୟତାର ଫାଇଦା ଉଠାଇବାକୁ ଉଦ୍ୟମ କରାଯାଉଛି। ଏହାର ପ୍ରତିବାଦରେ ଜନ ଆନ୍ଦୋଳନ ଜାରି ରହିବ ବୋଲି ସମ୍ପାଦକ ସାମଲ କହିଥିଲେ। ଦଳୀୟ କାର୍ଯ୍ୟକର୍ତ୍ତାମାନେ ବିଦ୍ୟୁତ୍ ବିଭାଗ ଅଧୀକ୍ଷଣ ଯନ୍ତ୍ରୀ, ଜେଇଙ୍କୁ ଘେରାଉ କରିବା ସହିତ ମାସକ ମଧ୍ୟରେ କେତେଥର ବିଦ୍ୟୁତ୍ କାଟ୍ ହୋଇଛି, ତାହାର ହିସାବ ମାଗିଥିଲେ। ସମସ୍ୟାର ସମାଧାନ ଖୁବ୍ ଶୀଘ୍ର ହେବ ବୋଲି ପ୍ରତିଶ୍ରୁତି ମିଳିବା ପରେ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଥିଲା। ବ୍ଲକ ଅଧ୍ୟକ୍ଷ ବୃନ୍ଦାବନ ବେହେରା, ଜିଲା ସାଧାରଣ ସମ୍ପାଦକ ପ୍ରକାଶ ମହାରଣା, ଜିଲା ମିଡିଆ ସେଲ ଅଧ୍ୟକ୍ଷ ପର୍ଶୁରାମ ବାରିକ ପ୍ରମୁଖ ସାମିଲ ଥିଲେ।



ଭାଜପା କାର୍ଯ୍ୟକର୍ତ୍ତାମାନେ ବିଦ୍ୟୁତ୍ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ କରୁଛନ୍ତି।

## ଚମକିବ ଚାରଖୋଲା ପାଦଦେଶ

**ଢେଙ୍କାନାଳ ଅଫିସ, ୧୬।୭**

- ସଂରକ୍ଷିତ ଜଙ୍ଗଲ ନିକଟବର୍ତ୍ତୀ ସ୍ଥାନରେ ହେବ ଟୁରିଷ୍ଟ ପଏଣ୍ଟ
- ରହିବ ସେଲ୍‌ଫି କର୍ନର, ସ୍ନାକ୍ସବାର, ପାଦଚଲା ରାସ୍ତା
- ୫ ହେକ୍ଟର ଜମିରେ ଲଗାଯିବ ୧୬ ହଜାର ଚାରା
- ପୌର ପ୍ରଶାସନ ସହ ଆଲୋଚନା କଲା ବନ ବିଭାଗ



ଚମକିବ ଚାରଖୋଲା ସଂରକ୍ଷିତ ଜଙ୍ଗଲର ପାଦଦେଶ। ବନ୍ୟଜୀବନ, ସବୁଜିମାରେ ଭରପୂର ଜଙ୍ଗଲ ନିକଟବର୍ତ୍ତୀ ଏହି ସ୍ଥାନରେ ପର୍ଯ୍ୟଟକଙ୍କୁ ଆକର୍ଷଣ କରିବା ଭଳି ପରିବେଶ ସୃଷ୍ଟି କରାଯିବ। ଯାତ୍ରୀମାନେ ସାମୟିକ ବିଶ୍ରାମ ନେଇ ଯାତ୍ରାକଷ୍ଟ ଲାଘବ କରିପାରିବା ଭଳି ସମସ୍ତ ବ୍ୟବସ୍ଥା ରହିବ। ସେଲ୍‌ଫି ପଏଣ୍ଟଠାରୁ ଆରମ୍ଭ କରି ଆଲୋକୀକରଣ, ପାନୀୟ ଜଳ, ସ୍ନାକ୍ସବାର ସୁବିଧା ମିଳିବ। ଏହାକୁ ବାଦ୍ ଦେଲେ ଅଞ୍ଚଳରେ ଖାଲି ପଡ଼ିଥିବା ୫ ହେକ୍ଟର ଜମିରେ ୧୬ ହଜାର ଚାରା ରୋପଣ କରି ସବୁଜିମା ବଳୟ ସୃଷ୍ଟି କରାଯିବ। ଏ ନେଇ ବନ ବିଭାଗ ପକ୍ଷରୁ ବ୍ଲୁପ୍ରିଣ୍ଟ ପ୍ରସ୍ତୁତ କରାଯିବା ସହ ପ୍ରଶାସନ ସହିତ ଆଲୋଚନା ସରିଛି।

ଢେଙ୍କାନାଳ ସହର ଉପକଣ୍ଠ ୫୫ନଂ. ଜାତୀୟ ରାଜପଥ ପାର୍ଶ୍ୱରେ ରହିଛି ଚାରଖୋଲା ସଂରକ୍ଷିତ ଜଙ୍ଗଲ। ଏହାର ପାଦଦେଶରେ ଟୁରିଷ୍ଟ ଆଟ୍ରାକ୍ସନ ପଏଣ୍ଟ କରାଯିବ। ୫ ହେକ୍ଟର ଜମିରେ ୧୬ ହଜାର ଜାମୁ, ଆମ୍ବ, ଅସନ, ଅର୍ଜୁନ, ହରିଡ଼ା, ବାହାଡ଼ା ଆଦି ବିଭିନ୍ନ କିସମର ଚାରା ଲଗାଯିବ। ଟୁରିଷ୍ଟ ଫ୍ରେଣ୍ଡ୍‌ଲି ବାତାବରଣ ସୃଷ୍ଟି କରିବା ଲାଗି ଆଲୋକୀକରଣ, ପାନୀୟ ଜଳ ସୁବିଧା କରାଯିବ। ସାମୟିକ ରହଣି ଭିତରେ ପର୍ଯ୍ୟଟକମାନେ ଯେପରି ସୁବିଧାରେ ଚଲାବୁଲା କରି ମାନସିକ କ୍ଲାନ୍ତି ମେଣ୍ଟାଇପାରିବେ, ସେଥିଲାଗି ଚଲାପଥ ନିର୍ମାଣ ହେବ। ସ୍ନାକ୍ସବାରରେ ଚଟପଟି ଖାଦ୍ୟ ମିଳିବ। ସ୍ମୃତିକୁ ସାଇତି ରଖିବା ଲାଗି ସେଲ୍‌ଫି କର୍ନର କରାଯିବାକୁ ଯୋଜନା ରହିଛି।

ମୁଖ୍ୟତଃ ଜାତୀୟ ରାଜପଥରେ ଯାତାୟାତ କରୁଥିବା ଯାତ୍ରୀମାନଙ୍କୁ ଜିଲାର ପର୍ଯ୍ୟଟନ ଶିଳ୍ପ ପ୍ରତି ଆକର୍ଷିତ କରାଇବା, ସଂରକ୍ଷିତ ଜଙ୍ଗଲର ଶାନ୍ତ ପରିବେଶରେ କିଛି ସମୟ ବିତାଇବା ଲାଗି ସୁଯୋଗ ଦେବାକୁ ଏଭଳି ଅଭିନବ ପ୍ରକଳ୍ପ ହାତକୁ ନିଆଯାଇଛି। ଯାତ୍ରୀମାନେ ସେଠାରେ ଅଟକି ପ୍ରାକୃତିକ ସୌନ୍ଦର୍ଯ୍ୟକୁ ଉପଭୋଗ କରିପାରିବେ। ଏସବୁ ଯୋଜନା ଯେପରି ଶୀଘ୍ର କାର୍ଯ୍ୟକାରୀ କରାଯାଇପାରିବ, ସେଥିଲାଗି ବନ ବିଭାଗ ପକ୍ଷରୁ ପୌର ପ୍ରଶାସନ ସହିତ ଆଲୋଚନା କରାଯାଇଛି।

ଏ ସଂକ୍ରାନ୍ତରେ ଡିଏଫ୍‌ଓ ଡା. ପ୍ରକାଶଚାନ୍ଦ ଗୋଗିନେନି କୁହନ୍ତି, କାଠଗଡା ନର୍ସରି ନିକଟ ଚାରଖୋଲା ସଂରକ୍ଷିତ ଜଙ୍ଗଲ ପାଦଦେଶରେ ୫ ହେକ୍ଟର ଜାଗା ଖାଲି ପଡ଼ିଛି। ସେଠାରେ ୧୬ ହଜାର ଚାରା ରୋପଣ କରାଯିବ। ଏଥିସହ ପର୍ଯ୍ୟଟକ ଏବଂ ଯାତ୍ରୀଙ୍କୁ ଆକର୍ଷିତ କରିବା ଲାଗି ବ୍ୟବସ୍ଥା ହେବ। ଏଥିଲାଗି ଜିଲାପାଳ ଏବଂ ପୌର ନିର୍ବାହୀ ଅଧିକାରୀଙ୍କ ସହ ଆଲୋଚନା ଶେଷ ହୋଇଛି।

